## ଟ୍ରାକ୍ଟର ଓଲଟି ଚାଳକ ମୃତ

କାମାକ୍ଷାନଗର,(ସୁଧୀର କୁମାର ପରିଡା): ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଇସିଙ୍ଗା ଗ୍ରାମରେ ଶନିବାର ଏକ ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସେହି ଗ୍ରାମର ମହରଗା ସାହୁ(୪୫)। ମହରଗା ଟ୍ରାକ୍ଟରରେ ଚାଷ କରୁଥିବାବେଳେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ମହରଗା ଗାଡ଼ି ତଳେ ଚାପି ହୋଇ ପ୍ରାଣ ହରାଇଥିଲେ। ଖବରପାଇ କାମାକ୍ଷାନଗର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଦେଇଛି।


ଢେଙ୍କାନାଳ ଲକ୍ଷ୍ମୀ ପୂଜା ଅବସରରେ ସହରସ୍ଥିତ ଗଣେଶ ବଜାର ମେଢ଼।


ମିନାବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ହୋଇଥିବା ମା' ଲକ୍ଷ୍ମୀଙ୍କ ମେଢ଼।


ଗଣେଶ ବଜାରଠାରେ ଆଦିଯୋଗୀ ପୀଠ ସଦୃଶ ତୋରଣ।

# ମନ୍ତ୍ର ଧ୍ୱନି, ଲକ୍ଷ୍ମୀ ପୁରାଣରେ ସହର ମୁଖରିତ

## ଢେଙ୍କାନାଳରେ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଆରମ୍ଭ

**ଢେଙ୍କାନାଳରେ ଧରାବତରଣ କରିଛନ୍ତି ମା' ଧନଦାତ୍ରୀ। ୩୮ ମଣ୍ଡପରେ ଶନିବାର ସକାଳୁ ଆରମ୍ଭ ହୋଇଛି ଆବାହନା ମନ୍ତ୍ର ଧ୍ୱନି, ଲକ୍ଷ୍ମୀ ପୁରାଣରେ ମୁଖରିତ ହୋଇଛି ସହର। ଆଧ୍ୟାତ୍ମିକ ଭାବଧାରାରେ ବାନ୍ଧି ହୋଇଛନ୍ତି ସହରବାସୀ।**

ଢେଙ୍କାନାଳ,୨୮।୧୦(ରତନ ନାୟାର)

ପ୍ରସିଦ୍ଧ ଲକ୍ଷ୍ମୀପୂଜାକୁ ନେଇ ଉତ୍ସବମୁଖର ହୋଇଉଠିଛି ଢେଙ୍କାନାଳ ସହର। ଚଳିତବର୍ଷ ମୋଟ୍ ୩୮ଟି ମଣ୍ଡପ ହୋଇଥିବା ବେଳେ ସମସ୍ତ ମଣ୍ଡପରେ ଶନିବାର ସକାଳୁ ଆରମ୍ଭ ହୋଇଯାଇଛି ପୂଜାର୍ଚ୍ଚନା। ଚନ୍ଦ୍ରଗ୍ରହଣ ଥିବାରୁ ସକାଳ ୭ଟାରୁ ମା'ଙ୍କ ଆରାଧନା ଆରମ୍ଭ ହୋଇ ଅପରାହ୍ନ ୨ଟା ସୁଦ୍ଧା ଅଧିକାଂଶ ମଣ୍ଡପରେ ପୂଜା ଶେଷ ହୋଇଛି। ସୂର୍ଯ୍ୟପୂଜା ପରେ ବିଭିନ୍ନ ଜଳାଶୟରୁ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଜଳ ଆଣି ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ଏହାପରେ ମନ୍ତ୍ରଧ୍ୱନି, ଲକ୍ଷ୍ମୀ ପୁରାଣ, ହୁଳହୁଳି, ଘଣ୍ଟ ଓ ଶଙ୍ଖ ନାଦରେ ସମସ୍ତ ପୂଜା ମଣ୍ଡପ ପ୍ରକମ୍ପିତ ହୋଇଉଠିଥିଲା। ହୋମ, ଯଜ୍ଞରେ ମା'ଙ୍କ ଆବାହନ ହୋଇଥିଲା। ମିନାବଜାର, ଜବାହରଚୌକ, ଲକ୍ଷ୍ମୀବଜାର, ଗଣେଶ ବଜାର, ମହାବୀର ବଜାର, କାଞ୍ଚନ ବଜାର, ଆନନ୍ଦ ବଜାର, କାରିଗର ସାହି, ବାଜିଚୌକ, ଗୁଡିଆନାଳୀ, ରାଧାକୃଷ୍ଣ ବଜାର, ପଦ୍ମବଜାର, ଜୁବୁଲିଟାଉନ-୧, କ୍ରିଷ୍ଣାବଜାର, କୈବଲ୍ୟ ବଜାର, ଦେଉଳସାହି, ଅନ୍ନପୂର୍ଣ୍ଣା ଆସ୍ଥାନ ସିମିଳିଆ, ଷ୍ଟେଶନ ବଜାର, ମା' ସୁନ୍ଦରଶୁଣୀ ଆସ୍ଥାନ, ଗାନ୍ଧୀ ବଜାର, ଚନ୍ଦନ ବଜାର, ବସଷ୍ଟାଣ୍ଡ, ଦୁର୍ଗା ବଜାର, କାଳିକା ବଜାର, ରାମେଶ୍ୱରପୁର, ନେହେରୁ ବଜାର, ଜୁବୁଲି ଟାଉନ-୨, ସ୍ୱପ୍ନେଶ୍ୱର ବଜାର, ଭଗବାନପୁର, ଗୋପବନ୍ଧୁ ବଜାର, ରତନ ବଜାର, ଖମାରସାହି, କମ୍ୟୁନିଟି ସେଣ୍ଟର ହାଡରୋଡ, ଅରବିନ୍ଦ ବଜାର, କଣ୍ଟାନାଳୀ ବାଇପାସ, ବନମାଳୀ ପ୍ରସାଦ, ଜେନାଦେବୀ ବଜାର ଓ ନିର୍ମାଲ୍ୟ ବଜାର ଆଦି ପ୍ରତିଷ୍ଠାନରେ ଆନନ୍ଦ ଉଲ୍ଲାସର ସହ ପୂଜା ଅନୁଷ୍ଠିତ ହୋଇଛି। ମିନାବଜାର, ଲକ୍ଷ୍ମୀବଜାର, ଗଣେଶ ବଜାର, କୈବଲ୍ୟ ବଜାର ମଣ୍ଡପରେ ଚାନ୍ଦିମେଢ ସହ ସୁନା ମୁକୁଟରେ ମା' ଝଲସି ଉଠୁଛନ୍ତି। ସେହିପରି ଗୁଡିଆନାଳୀ ପୂଜା ମଣ୍ଡପରେ ଚାନ୍ଦିମେଢ ହୋଇଛି। କୈବଲ୍ୟ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଇଜିପ୍ଟର ନକ୍ସର ମନ୍ଦିରର ମୁଖଶାଳା, ବସଷ୍ଟାଣ୍ଡ-ଅମଲାପଡା ପ୍ରତିଷ୍ଠାନର ତିରୁପତି ବାଲାଜୀ ମନ୍ଦିର, ମିନାବଜାର ପୂଜା ପ୍ରତିଷ୍ଠାନର କେଦାରନାଥ ମନ୍ଦିର ଏବଂ ଗଣେଶ ବଜାର ପୂଜା ପ୍ରତିଷ୍ଠାନର କୋଏମ୍ବାଟୁରସ୍ଥିତ ଆଦିଯୋଗୀ ପୀଠ ଓ କେଦାରନାଥ ମନ୍ଦିର ସଦୃଶ ବିଶାଳ ତୋରଣ ଆକର୍ଷଣୀୟ ହୋଇଛି। ବାଜିଚୌକ ପୂଜା ମଣ୍ଡପରେ ବାହାନଗା ରେଳ ଦୁର୍ଘଟଣାରେ ସହାୟତା ପ୍ରଦାନ କରାଯାଉଥିବା ଦୃଶ୍ୟ ପ୍ରଦର୍ଶିତ ହୋଇଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସହାୟତା ପ୍ରଦାନ କରୁଥିବାର ଫଟୋଚିତ୍ର ସ୍ଥାନିତ ହୋଇଛି। ସେହିପରି ଜୁବୁଲିଟାଉନ-୧ ଓ ଗଣେଶ ବଜାର ପୂଜା ମଣ୍ଡପରେ ହାତୀ ଓ ଜଙ୍ଗଲ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ ପୂର୍ବକ ସାଜସଜ୍ଜା କରାଯାଇଛି। ସକାଳୁ ବିଭିନ୍ନ ପୂଜାମଣ୍ଡପରେ ଶ୍ରଦ୍ଧାଳୁମାନଙ୍କ ଭିଡ ଦେଖିବାକୁ ମିଳିଥିଲା। ବିଶେଷକରି ଅଧିକ ସଂଖ୍ୟକ ମହିଳା ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପାଇଁ ଆସିଥିଲେ। ସମଗ୍ର ସହର ରଙ୍ଗିନ ଆଲୋକମାଳାରେ ସଜେଇ ହୋଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।


ଢେଙ୍କାନାଳ ସହରସ୍ଥିତ ଲକ୍ଷ୍ମୀବଜାର ମେଢ଼।

## ସହରରେ ପୋଲିସର ଫ୍ଲାଗମାର୍ଚ୍ଚ

ଢେଙ୍କାନାଳ ,୨୮।୧୦(ରତନ ନାୟାର)

ଢେଙ୍କାନାଳରେ ଲକ୍ଷ୍ମୀପୂଜା ଆରମ୍ଭ ହୋଇଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଶନିବାର ଅପରାହ୍ନ ୩ଟାରେ ସ୍ଥାନୀୟ ରିଜର୍ଭ ପୋଲିସ ଲାଇନଠାରେ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଉପସ୍ଥିତ ରହି ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦାୟିତ୍ୱ ବାଣ୍ଟିବା ସହ ଟ୍ରାଫିକ ନିୟନ୍ତ୍ରଣ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହାପରେ ଅପରାହ୍ନ ସାଢେ ୪ଟାରେ ସହରସ୍ଥିତ ରଥଗଡାଠାରୁ ବାଜିଚୌକ ପର୍ଯ୍ୟନ୍ତ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ଓ ସୂର୍ଯ୍ୟମଣି ପ୍ରଧାନ, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, କାମାକ୍ଷାନଗର ଏସ୍‌ଡିପିଓ ପ୍ରଭାତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ସହରରେ ଲକ୍ଷ୍ମୀପୂଜା ସମୟରେ ଆଇନଶୃଙ୍ଖଳା ରକ୍ଷା ପାଇଁ ୨୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଏସ୍‌ପିଙ୍କ ନେତୃତ୍ୱରେ ୨ଜଣ ଅତିରିକ୍ତ ଏସ୍‌ପି, ୭ଜଣ ଡିଏସ୍‌ପି, ୨୦ ଇନ୍‌ସପେକ୍ଟର, ୧୦୬ ଏସ୍‌ଆଇ ଓ ଏଏସ୍‌ଆଇ, ୪୦ ହାବିଲଦାର ଓ ମୁଖ୍ୟ କନଷ୍ଟେବଲ ଏବଂ ୩୫୦ ହୋମଗାର୍ଡ ଆଇନଶୃଙ୍ଖଳା ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି।



ଢେଙ୍କାନାଳ ସହରରେ ପୋଲିସର ଫ୍ଲାଗମାର୍ଚ୍ଚ।

# ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ସମୀକ୍ଷା



ସମ୍ମିଳନୀରେ ଉପସ୍ଥିତ ଏଏପି ନେତା ଓ ଅନ୍ୟମାନେ।

ଢେଙ୍କାନାଳ,୨୮।୧୦ (ରତନ ନାୟାର)

ଢେଙ୍କାନାଳସ୍ଥିତ ପୁରୁଣା ଜିଲା ପରିଷଦ ସଭାଗୃହରେ ଆମ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଜିଲା ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଜିଲା ସଭାପତି ପଙ୍କଜ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ପ୍ରଭାରୀ ତଥା ଦିଲ୍ଲୀ କ୍ୟାଣ୍ଟ ବିଧାୟକ ବୀରେନ୍ଦ୍ର ସିଂ କାଦିଆନ ଏବଂ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଯୋଗଦେଇ ଜିଲା ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ରାଜ୍ୟରେ କିପରି ନିର୍ବାଚନ ଲଢ଼ାଯିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ବିକ୍ରମ ରାଉତ, ଜିଲା ମିଡିଆ ପ୍ରଭାରୀ ସୁମନ୍ତ ଗୋଛାୟତ, ସଙ୍ଗଠନ ସମ୍ପାଦକ ଚିନ୍ମୟ ସେନାପତି ଓ ଶଙ୍କର୍ଷଣ ଦଳାଇ, ସଦର ବ୍ଲକ ସଭାପତି ରାଜକୁମାର ପ୍ରଧାନ, ଓଡାପଡ଼ା ବ୍ଲକ ସଭାପତି ଲକ୍ଷ୍ମଣ ନାଏକ, ପରଜଙ୍ଗ ବ୍ଲକ ସଭାପତି ପ୍ରକାଶ ବିଶ୍ୱାଳ, ଗଁନ୍ଦିଆ ବ୍ଲକ ସଭାପତି ଶେଷଦେବ ବେହେରା, କାମାକ୍ଷାନଗର ବ୍ଲକ ସଭାପତି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସାଧାରଣ ସମ୍ପାଦକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ବିଧୁରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କୃପାଳୁଜୀ ମହାରାଜଙ୍କ ଜୟନ୍ତୀ

କାମାକ୍ଷାନଗର,୨୮।୧୦ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅନନ୍ତପୁର ସ୍ଥିତ ନବଜ୍ୟୋତି କ୍ଲବରେ ଭକ୍ତିଯୋଗ ରସାବତାର ପଞ୍ଚମ ମୌଳିକ ଜଗତଗୁରୁ ଶ୍ରୀ କୃପାଳୁଜୀ ମହାରାଜଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଶ୍ରୀ କୃପାଳୁଜୀଙ୍କ ପ୍ରମୁଖ ପରିଚାରିକା ମା' ରାସେଶ୍ୱରୀ ଦେବୀଙ୍କ ବ୍ରଜଗୋପିକା ସେବା ମିଶନ କାମାକ୍ଷାନଗର ଶାଖା ଦ୍ୱାରା ଏହି ଜୟନ୍ତୀ ଆୟୋଜନ କରାଯାଇଥିଲା। ଏଠାରେ ଥିବା ସତସଙ୍ଗୀ ମାନଙ୍କ ସହିତ ଢେଙ୍କାନାଳ ବ୍ରଜଗୋପିକା ସେବା ମିଶନ ଶାଖା ସତସଙ୍ଗୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରବଚନ, ଧର୍ମକଥା, ଭଜନ ଓ ନାମସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସୁସ୍ଥ ଗଣତନ୍ତ୍ର ପାଇଁ ନିର୍ଭୁଲ ଭୋଟର ତାଲିକା ଜରୁରୀ

ଢେଙ୍କାନାଳ,୨୮।୧୦(ରତନ ନାୟାର)

ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ପାଇଁ ପଥ ଉତ୍ସବ ଶନିବାର ସକାଳେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଜିଲାପାଳ ମନୋରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁସ୍ଥ ଗଣତନ୍ତ୍ର ପାଇଁ ମତଦାତାଙ୍କ ଏକ ନିର୍ଭୁଲ ଭୋଟର ତାଲିକା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଏଥିନିମନ୍ତେ ୧୭ବର୍ଷରୁ ଉର୍ଦ୍ଧ୍ୱ ଯୁବତୀଯୁବକ ନିଜର ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଆଗେଇ ଆସିବା ସହିତ ନିଜ ପରିବାର ସଦସ୍ୟଙ୍କ ନାମ ଯୋଗ, ସଂଶୋଧନ, ପରିବର୍ତ୍ତନ ଓ ବାଦ୍ କରିବାରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା, ଡେପୁଟି ସିଇଓ ଲକ୍ଷ୍ମୀକାନ୍ତ ସାହୁ, ସଙ୍ଗୀତକାର ଶକ୍ତି ମିଶ୍ର ପ୍ରମୁଖ ଯୋଗଦେଇ ମତଦାତା ହୋଇ ନାଗରିକର ଦାୟିତ୍ୱ ଓ ଅଧିକାର ସାବ୍ୟସ୍ତ କରିବାକୁ କହିଥିଲେ। ଏହି ଅବସରରେ ବାଜିଚୌକଠାରୁ ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରାରେ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ସଚେତନତାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବନୀ ମିଶ୍ର ଓ ଦେବଦର୍ଶିନୀ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା ଧନ୍ୟବାଦ ଦେଇଥିଲେ।



ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ପାଇଁ ଆୟୋଜିତ ପଥ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ବିଭିନ୍ନ ସ୍ଥାନରେ କୁମାର ପୂର୍ଣ୍ଣିମା

କାମାକ୍ଷାନଗର,୨୮।୧୦(ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ପୁରପଲ୍ଲୀରେ କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ଅପରାହ୍ନ ୪ଟା ପରେ ଚନ୍ଦ୍ର ଗ୍ରହଣ ଲାଗୁଥିବାରୁ କୁମାରୀମାନେ ଚାନ୍ଦପୂଜା ନ କରି ସକାଳେ କୁମାର ପୂର୍ଣ୍ଣିମା ପାଳନ କରିଥିଲେ। ବାଉଁଶପାଳ ପଞ୍ଚାୟତ କୁଷିଆ ଗାଁର କୁଆଁରୀମାନେ ଓଷା କରିବା ସହ ପଶୁମାନଙ୍କୁ ପେଟପୁରା କାକରା ପିଠା ଓ ଫଳ ଖାଇବାକୁ ଦେଇଥିଲେ। ସେହିପରି କାମାକ୍ଷାନଗର ସହର ମଧ୍ୟରେ ମଢ଼ିସାହି, ଅନନ୍ତପୁର, ଗୋ ମୁଣ୍ଡିଦେଉଳି, ଆଳତୁମଓା, ରେଙ୍ଗୁଳା, ଇନ୍ଦିପୁରରେ କୁମାର ପୂର୍ଣିମା ପାଳିତ ହୋଇଯାଇଛି।



## ସାରଙ୍ଗଧର ଦାସଙ୍କ ଜୟନ୍ତୀ

କାମାକ୍ଷାନଗର,୨୮।୧୦(ଅମଜାଦ ଖାନ)

ଢେଙ୍କାନାଳଜିଲାକାମାକ୍ଷାନଗରସହରସ୍ଥିତ ସାରଙ୍ଗଧର ଉଚ୍ଚବିଦ୍ୟାଳୟଠାରେ ଢେଙ୍କାନାଳ ଜିଲାର ଗଡଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜଗବନ୍ଧୁ ଜେନା ବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ସାରଙ୍ଗଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଜଗବନ୍ଧୁ ଜେନା ସାରଙ୍ଗଧରଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷକ ଦୁର୍ଯ୍ୟୋଧନ ସାହୁ, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଜେନା, ସଂଯୁକ୍ତା ସାହୁ, ସ୍ୱର୍ଣ୍ଣପ୍ରଭା ସାହୁ, ଅଫିସ କର୍ମଚାରୀ ଅଶୋକ ନାୟକଙ୍କ ସମେତ ଅନ୍ୟ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକର ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ଥିଲେ। ଶେଷରେ ଅତିଥି ଏବଂ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।




କାମାକ୍ଷାନଗର ବ୍ଲକ କୁସୁମଯୋଡି ପଞ୍ଚାୟତର ମହୁଲି ପୂଜା ମଣ୍ଡପ। ହରିଜନ ସାହି ପୂଜା ମଣ୍ଡପରେ ହୋଇଥିବା ମା' ଲକ୍ଷ୍ମୀଙ୍କ ମେଢ଼। (ଫଟୋ- ଅମଜାଦ ଖାନ୍)

**ଯୁବକଙ୍କୁ ଆକ୍ରମଣ ଅଭିଯୋଗ: ୩ ଗିରଫ**

**ଛେଣ୍ଡିପଦା,(ଅଜିତ ଧଳ):** ଛେଣ୍ଡିପଦା ଥାନା ଟାକୁଆ ଗ୍ରାମର ରଞ୍ଜନ କୁମାର ସାହୁଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟାକୁଆ ଗ୍ରାମର ଅଭିରାମ ସାହୁ, କୁକୁରପେଟାର ରଞ୍ଜନ ସାହୁ ଓ ଅନିଲ କୁମାର ସାହୁ। ପୋଲିସ କହିଛି, ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଶୁକ୍ରବାର ଖଜୁରିଖାଇ ନିକଟରେ ରଞ୍ଜନଙ୍କୁ ୪ଜଣ ଆକ୍ରମଣ କରିଥିଲେ। ରଞ୍ଜନଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୪୫୭/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।



# ୩୪ ମଣ୍ଡପରେ ମା'ଙ୍କୁ ଆବାହନ

**ଅନୁଗୋଳ, ୨୮।୧୦ (ଅମିତ କୁମାର ସାମଲ)**

ଅନୁଗୋଳରେ ଆରମ୍ଭ ହୋଇଛି ମା' ଲକ୍ଷ୍ମୀଙ୍କ ପୂଜା। ଚଳିତବର୍ଷ ୩୪ ମଣ୍ଡପରେ ମା'ଙ୍କ ପୂଜା କରାଯାଉଥିବା ବେଳେ ସାଜସଜ୍ଜା, ତୋରଣ ଓ ରଙ୍ଗିନ ଆଲୋକମାଳାରେ ସହର ସମ୍ପୂର୍ଣ୍ଣ ସଜେଇ ହୋଇଛି। ଚନ୍ଦ୍ରଗ୍ରହଣକୁ ଦୃଷ୍ଟିରେ ରଖି ଶନିବାର ଅପରାହ୍ନ ସାଢ଼େ ୨ଟା ସୁଦ୍ଧା ପୂଜାର୍ଚ୍ଚନା ଶେଷ କରାଯାଇଛି। ରବିବାର ସକାଳେ ମା'ଙ୍କୁ ମାର୍ଜନା କରାଯିବା ପରେ ପୁନଃ ନୀତିକାନ୍ତି ଆରମ୍ଭ କରାଯିବ ବୋଲି ବିଭିନ୍ନ ପୂଜା ମଣ୍ଡପ କର୍ମକର୍ତ୍ତା ସୂଚନା ଦେଇଛନ୍ତି।

ଶନିବାର ଚନ୍ଦ୍ରଗ୍ରହଣ ଥିବାରୁ ସକାଳୁ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଭିନ୍ନ ମଣ୍ଡପ କର୍ମକର୍ତ୍ତାମାନେ ନିଜ ସୁବିଧା ଅନୁଯାୟୀ ଜଳାଶୟରୁ କଳସରେ ପାଣି ଆଣି ମଣ୍ଡପରେ ସ୍ଥାପନ କରିବା ପରେ ବିଧି ମୁତାବକ ପୂଜା ଆରମ୍ଭ କରାଯାଇଥିଲା।



ଅନୁଗୋଳ କଳିଙ୍ଗ ମାର୍କେଟ୍‌ରେ ହୋଇଥିବା ମା' ଲକ୍ଷ୍ମୀଙ୍କ ମେଢ଼।

ତେବେ କେତୋଟି ଅନୁଷ୍ଠାନରେ ରବିବାରଠାରୁ ପୂଜା ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି। ସହରର ଦଶହରା ପଡ଼ିଆ, କାଞ୍ଚନ ବଜାର, ଅମଳାପଡ଼ା, କଲେଜଛକ, ପଞ୍ଚାୟତ ଇଣ୍ଡଷ୍ଟ୍ରି ଛକ, ବସଷ୍ଟାଣ୍ଡ, ହୁଲୁରିସିଂହା, ଲକ୍ଷ୍ମୀ ବଜାର, ବଜାର ଛକ ଆଦି ସ୍ଥାନରେ ଧୁମଧାମରେ ପୂଜାର୍ଚ୍ଚନା କରାଯାଉଛି। ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ମଣ୍ଡପ ପକ୍ଷରୁ ନିଆରା କାର୍ଯ୍ୟକ୍ରମମାନ କରାଯାଉଛି। ଡିଜେ ନାଇଟ୍ ସହ ଓଲିଉଡ୍ ଷ୍ଟାର ନାଇଟ୍ କାର୍ଯ୍ୟକ୍ରମ କରାଯାଉଛି। ଏଥିସହ ବିଭିନ୍ନ ମଣ୍ଡପରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଉଛି। ପୂଜାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଅନୁଗୋଳ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୧୦୬ ଜଣ ଅଧିକାରୀଙ୍କ ସହ ୧୮ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ୩ ଜଣ ଅତିରିକ୍ତ ଏସ୍‌ପି ପାହ୍ୟାର ଅଧିକାରୀଙ୍କ ସହ ୪ ଜଣ ଡିଏସ୍‌ପି, ୧୦ ଇନ୍ସପେକ୍ଟର, ୨୯ ଏସ୍ଆଇ, ୬୦ ଏଏସ୍ଆଇଙ୍କୁ ନିୟୋଜିତ କରାଯାଇଛି। ସାଦା ପୋଷାକଧାରୀ ପୋଲିସଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଦଶହରା ପଡ଼ିଆରେ ଦୋକାନବଜାର ସହ ଦୋଳି ପଡ଼ିଛି। ଶନିବାର ଠାରୁ ଆରମ୍ଭ ହୋଇଥିବା ପୂଜା ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ୮ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ।



ଅନୁଗୋଳ ବଜାର ଛକ ପୂଜା କମିଟି ଲାଇଟ୍ ତୋରଣ।



ଅମଳାପଡ଼ା ପୂଜା କମିଟି ତୋରଣ।

# କୁଲାଡ଼ରେ ଆକର୍ଷଣୀୟ ସାଜସଜ୍ଜା

**ବଅଁରପାଳ,୨୮।୧୦(ଉପେନ୍ଦ୍ର ରାଉତ)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମର ଗଣପର୍ବ ଲକ୍ଷ୍ମୀପୂଜା ରବିବାରଠାରୁ ଆରମ୍ଭ ହେବ। ଭୋର ସମୟରେ ପୂଜା କମିଟିର କର୍ମକର୍ତ୍ତାମାନେ କଳସରେ ପାଣି ଆଣି ଘଟ ସ୍ଥାପନ କରିବେ। ଏହାପରେ ବିଧିପୂର୍ବକ ପୂଜାର୍ଚ୍ଚନା ହେବ। ଚଳିତବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ସୁନ୍ଦର ତୋରଣ ନିର୍ମାଣ କରାଯାଇଛି। କୁଲାଡ଼ ଏଫସିଆଇ ଛକଠାରୁ ବ୍ରାହ୍ମଣୀ ସାହି ପର୍ଯ୍ୟନ୍ତ ରଙ୍ଗିନ ଆଲୋକ ଖଞ୍ଜା ହୋଇଛି। କୁଲାଡ଼ ଛକ, ବିଗ୍‌ପଣ୍ଡ, ବ୍ରାହ୍ମଣୀ ଦେବୀ ସାହି, ରୟାଲ କ୍ଲବ, ଫ୍ରେଣ୍ଡସ କ୍ଲବ, ସାହାରା କ୍ଲବ, ପ୍ରିନ୍ସ କ୍ଲବ, ବଣିକ ସଂଘ, ଆଲୁମିନିୟମ ହାଇସ୍କୁଲ ସଂଘ,ବାବାସ କ୍ଲବ ଆଦି ୧୦ କ୍ଲବରେ ପୂଜା ପାଳନ କରାଯିବ। ଏ ସମ୍ପର୍କରେ ବିଗ୍‌ପଣ୍ଡ ପୂଜା କମିଟି ସଭାପତି ରାଜୀବ ଜେନା କହିଛନ୍ତି, ୫ ଶହ ପାଇପ ଖଞ୍ଜାଯାଇ ପୋଖରୀ ଭିତରକୁ ରାସ୍ତା ସହ ମଣ୍ଡପ ତିଆରି କରାଯାଇଛି। କୁଲାଡ଼ ଛକ ପୂଜା କମିଟି ସଭାପତି ଜିତେନ୍ଦ୍ର ଜେନା କହିଛନ୍ତି, ମା'ଙ୍କ ପୂଜା ଧୁମଧାମରେ ପାଳନ କରାଯିବ। ଏଥର ମିନା ବଜାରରେ ଦୋଳି ପଡିବ। ଆଲୁମିନିୟମ ହାଇସ୍କୁଲ ପୂଜା କମିଟି ସଭାପତି ମୁକେଶ ଜେନା କହିଛନ୍ତି, ସମସ୍ତ ମଣ୍ଡପରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଛି। ସାହାରା କ୍ଲବ ସଦସ୍ୟ ଅଭିଷେକ ଦେଓ କହିଛନ୍ତି, ଚଳିତବର୍ଷ ମା'ଙ୍କ ଭସାଣି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରାଯିବ। କାଳୀ ମନ୍ଦିରଠାରୁ ପର୍ଯ୍ୟାୟକ୍ରମେ ମେଢ଼ ଗୁଡ଼ିକ ବାହାରି ଗ୍ରାମ ପରିକ୍ରମା ପରେ ନିକଟସ୍ଥ ଜଳାଶୟରେ ବିସର୍ଜନ କରାଯିବ।



କୁଲାଡ଼ ବିଗ୍‌ପଣ୍ଡ କ୍ଲବ ପକ୍ଷରୁ ପାଣି ଭିତରେ ହୋଇଥିବା ମା' ଲକ୍ଷ୍ମୀଙ୍କ ମଣ୍ଡପ।

# ରେଙ୍ଗାଳିରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ

**କଣିହାଁ,୨୮।୧୦(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଶନିବାରଠାରୁ ଆରମ୍ଭ ହୋଇଛି। ରେଙ୍ଗାଳି ପ୍ରକଳ୍ପ ଲକ୍ଷ୍ମୀ ବଜାର ବଣିକ ସଂଘର ସଦସ୍ୟମାନେ ବ୍ରାହ୍ମଣୀ ନଦୀରୁ କଳସରେ ଜଳ ଆଣି ପୂଜା ମଣ୍ଡପଠାରେ ପହଞ୍ଚିଥିଲେ। ପରେ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ସେହିପରି ପ୍ରକଳ୍ପସ୍ଥିତ ନୂଆ ବସ୍‌ଷ୍ଟାଣ୍ଡ, ହାତିଆଦଣ୍ଡା କଲୋନୀଠାରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ଗ୍ରାମର ବିଭିନ୍ନ ୮ ଟି କ୍ଲବ ପକ୍ଷରୁ ପ୍ରତିଯୋଗିତା ମୂଳକ ଭାବେ ଆକର୍ଷଣୀୟ ପୂଜାମଣ୍ଡପ ସାଙ୍ଗକୁ ସୁଉଚ୍ଚ ତୋରଣ ତିଆରି କରାଯାଇଛି। ସମଗ୍ର ଗ୍ରାମ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସି ଉଠୁଛି। ସେହିପରି କଣିହାଁ ବ୍ଲକର ଶତାଧିକ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି।



# କାଳୀ ପୂଜା ପାଇଁ ଶୁଭ ମାଟି ଅଣାଗଲା



ଶୁଭମାଟି ଅଣାଯିବା ସମୟରେ ଉପସ୍ଥିତ କାଳୀ ବଜାରର କର୍ମକର୍ତ୍ତାମାନେ।

**ଭୁବନ,୨୮।୧୦(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନରେ କାଳୀ ପୂଜା ପାଇଁ ଶନିବାର କାଳୀବଜାର କମିଟି ପକ୍ଷରୁ ଶୁଭ ମାଟି ଅଣାଯାଇଛି। କମିଟିର କର୍ମକର୍ତ୍ତାମାନେ ସହର ପରିକ୍ରମା କରିବା ପରେ ବ୍ରାହ୍ମଣୀ ନଦୀର ଶାଖା ରଗଡ଼ି ନାଳରୁ ପୂଜାର୍ଚ୍ଚନା କରି ଶୁଭ ମାଟି ଆଣିଥିଲେ। କାଳୀବଜାର ବଣିକ ସଂଘ ସଭାପତି ସମୀର କୁମାର ସାହୁଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଚଳିତ ବର୍ଷ ପୂଜା ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ବର୍ଷ କାଳୀ ପୂଜା ନଭେମ୍ବର ୧୨ ରୁ ୧୭ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ ବୋଲି ସ୍ଥିର ହୋଇଥିଲା। ଏହି ଅବସରରେ ୩ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବଣିକ ସଂଘ ସମ୍ପାଦକ ବିଶ୍ୱଜିତ ବାରିକ, ଉପସଭାପତି କାର୍ତ୍ତିକ ପୃଷ୍ଟି, କୋଷାଧ୍ୟକ୍ଷ ପ୍ରୀତିରଞ୍ଜନ ସାହୁ ଓ ବରିଷ୍ଠ କର୍ମକର୍ତ୍ତା ସୁବ୍ରତ କୁମାର ସାହୁ, ନୀଳମାଧବ ସାହୁ, ଜ୍ଞାନରଞ୍ଜନ ସାହୁ, ଗୌରାଙ୍ଗ ପୃଷ୍ଟି, ସରୋଜ କୁମାର ସାହୁ, ହିମାଂଶୁ ଶେଖର ମହାରଣା, ଶିଶିର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ସାମିଲ ଥିଲେ। ପରେ ବାଜା, ବାଣ ଓ ସଂକୀର୍ତ୍ତନ ମଣ୍ଡଳୀ ସହାୟତାରେ ସହର ପରିକ୍ରମା ପରେ ପୂଜା ମଣ୍ଡପକୁ ଶୁଭମାଟି ଅଣାଯାଇଥିଲା।

# ୧୦ ମଣ୍ଡପରେ ପୂଜା ପାଉଛନ୍ତି ଗଜଲକ୍ଷ୍ମୀ

**ପାଲଲହଡ଼ା,୨୮।୧୦ (ଦିବ୍ୟଜ୍ୟୋତି ଦାଶ)**



ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡରେ ଗଜଲକ୍ଷ୍ମୀଙ୍କ ପୂଜା ଧୁମ୍‌ଧାମରେ ଆରମ୍ଭ ହୋଇଯାଇଛି। ଚନ୍ଦ୍ରଗ୍ରହଣ ଯୋଗୁ ସମସ୍ତ ମଣ୍ଡପରେ ଅପରାହ୍ନରେ ନୀତିକାନ୍ତି ଶେଷ କରାଯାଇଥିଲା। କେନ୍ଦ୍ରୀୟ ଗଜଲକ୍ଷ୍ମୀ ପୂଜା କମିଟି ଅନୁକୂଲ୍ୟରେ ଶାସନ ସାହି, କଦମ୍ବ ଚଉକ, ଉଦୟପୁର, ଉଦିତନଗର, ସ୍କୁଲସାହି, ପୁରୁଣାଗଉଡ଼ସାହି, କଚେରୀସାହି, ନୂଆ ବସଷ୍ଟାଣ୍ଡ, ସାମନ୍ତସାହି ଏବଂ ରାମ ମନ୍ଦିର ଛକରେ ସୁଉଚ୍ଚ ତୋରଣ ସାଙ୍ଗକୁ ଆଲୋକମାଳାରେ ପୂଜା ମଣ୍ଡପ ଗୁଡିକ ଝଲସିଉଠୁଛି। ମିନାବଜାର, ଦୋଳି, ଅପେରା ଆଦି ଆକର୍ଷଣ ସାଜିବ ବୋଲି କେନ୍ଦ୍ରୀୟ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ କୁହାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଚଳିତ ବର୍ଷ ୧୧ ଦିନ ପୂଜା ଚାଲିବାକୁ ଥିବାବେଳେ, ଆସନ୍ତା ୮ ତାରିଖରେ ମେଳଣ ଓ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# 'ଭୋଟ ଦେବା ଗଣତନ୍ତ୍ରକୁ ସୁଦୃଢ଼ କରିବା'

**ପାଲଲହଡ଼ା,୨୮।୧୦(ଦିବ୍ୟଜ୍ୟୋତି ଦାଶ)**

ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ୨୦୨୩ ପରିପ୍ରେକ୍ଷିରେ ଏକ ପଥୋତ୍ସବ 'ଭୋଟ ଦେବା ଗଣତନ୍ତ୍ରକୁ ସୁଦୃଢ଼ କରିବା' ଅନୁଷ୍ଠିତ ହୋଇଯାଇଛି। ଶନିବାର ସକାଳ ୭ଟା୩୦ରୁ ଦିନ ୧୧ଟା ଯାଏ ପାଲଲହଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ସତ୍‌ସଙ୍ଗ ଛକ ଯାଏ ମହିଳା ସମିତି ସଦସ୍ୟା, ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପଥୋତ୍ସବରେ ନୃତ୍ୟ, ରେଙ୍ଗୋଲି, ଗୀତ ଓ ଝୋଟି ଆଦି ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପଜିଲାପାଳ ସୁଶାନ୍ତ ପତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଡିଓ ଦିଲୀପ କୁମାର ବାଡା, ଉପଖଣ୍ଡ ପୋଲିସ ଅଧିକାରୀ ଇନ୍ଦ୍ରରେଖା ପଶ୍ଚିମ କବାଟ, ଭାରପ୍ରାପ୍ତ ସୂଚନା ଅଧିକାରୀ ତରୁଣକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବୈଦ୍ୟୁତିକ ନିରାପତ୍ତା ସଚେତନତା ଶୁଭାରମ୍ଭ

**ଢେଙ୍କାନାଳ,୨୮।୧୦(ରତନ ନାୟାର)**

ବୈଦ୍ୟୁତିକ ନିରାପତା ସମ୍ପର୍କିତ ସତର୍କ ସୂଚନା ଦେବା ପାଇଁ ଏକ ସଚେତନତା ଗାଡିକୁ ଶନିବାର ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ଜିଲାପାଳ ମନୋରଞ୍ଜନ ମଲ୍ଲିକ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଗାଡି ଜିଲାରେ ବୈଦ୍ୟୁତିକ ନିରାପତ୍ତା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ସହିତ ହାତୀମାନେ କିପରି ବିଦ୍ୟୁତ ତାର ସଂସ୍ପର୍ଶରେ ନ ଆସିବେ ସେ ସମ୍ପର୍କରେ ମଧ୍ୟ ସଚେତନ କରିବ। ଏଥିସହିତ ଅନ୍‌ଲାଇନ ବିଦ୍ୟୁତ୍ ବିଲ୍ ପୈଠ ସହିତ ସମସ୍ତ ସୁବିଧା ସୁଯୋଗ ଉପରେ ସଚେତନ କରିବ। ଏହି କାର୍ଯ୍ୟକ୍ରମ ଟିପିସିଓଡିଏଲ୍ ପକ୍ଷରୁ ଆୟୋଜନ କରାଯାଇଛି।



ସଚେତନତା ଗାଡିକୁ ଜିଲାପାଳ ମନୋରଞ୍ଜନ ମଲ୍ଲିକ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ମଦ ଜବତ, ଜଣେ ଗିରଫ

**ଅନୁଗୋଳ,୨୮।୧୦(ଅମିତ କୁମାର ସାମଲ)**

ଅନୁଗୋଳ ସହର ମିଶ୍ରପଡ଼ାର ଏକ ପାନ ଦୋକାନରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି। ଏଥିସହ ଦୋକାନୀ ମୁକେଶ କୁମାର ପୋଦାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପୋଲିସ କହିଛି, ଦୁର୍ଗାପୂଜା ଭସାଣି ଦିନ ସନ୍ଧ୍ୟାରେ ସମସ୍ତ ମଦ ଦୋକାନ ବନ୍ଦ ଥିବାବେଳେ ମିଶ୍ରପଡାରେ ମଦ ବିକ୍ରି ହେଉଥିବା ଖବର ମିଳିଥିଲା। ତଦନ୍ତ କରିବା ପରେ ମିଶ୍ରପଡାର ଏକ ପାନ ଦୋକାନରେ ଏହି ବିଦେଶୀ ମଦ ମିଳୁଥିବା ଜାଣି ପୋଲିସ ଚଢାଉ କରିଥିଲା। ଚାଢାଉ ବେଳେ ଦୋକାନୀଙ୍କ ପାଖରୁ ୩୭.୪୫ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା ବୋଲି ଅନୁଗୋଳ ଥାନା ଅଧିକାରୀ ଧୀରେଶ କୁମାର ଦାସ ସୂଚନା ଦେଇଛନ୍ତି।

# ଭୋଟରମାନେ ଜଣେ ଜଣେ ସିପାହୀ



ସଚେତନତା ରଥକୁ ଆଠମଲ୍ଲିକ ଉପଜିଲାପାଳ ଶୁଭାରମ୍ଭ କରୁଛନ୍ତି।

**ଆଠମଲ୍ଲିକ, ୨୮।୧୦(ଉଦୀପ୍ତ ପୁରୋହିତ)**

ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ ଓ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ନିମନ୍ତେ ଆଠମଲ୍ଲିକ ପ୍ରଶାସନ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପଥୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳ ୭ ଟାରେ ବିଭିନ୍ନ ସଚେତନତା ବାର୍ତ୍ତା ଲେଖା ଯାଇଥିବା ରଥକୁ ଉପଜିଲାପାଳ ଜିତେନ୍ଦ୍ର କୁମାର ପାତ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିସହିତ ବିଭିନ୍ନ କଲେଜ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ, ଆଠମଲ୍ଲିକ କଲେଜର ଏନସିସି କ୍ୟାଡେଟ, ସରକାରୀ କର୍ମଚାରୀ, ସାଂସ୍କୃତିକ ଦଳ ଓ ସାଧାରଣ ଜନତା ସାମିଲ ହୋଇ ସ୍ଲୋଗାନମାନ ଦେଇ ନଗର ପରିକ୍ରମା କରିଥିଲେ। ଧାର୍ଯ୍ୟ ସମୟ ଭିତରେ ନୂଆ ଭୋଟରମାନେ ନାମ ପଞ୍ଜୀକରଣ କରିବା ସହିତ ପୁରୁଣା ଭୋଟରଙ୍କ ନାମ ଭୁଲ ଥିଲେ ସଂଶୋଧନ କରିବାକୁ ଉପଜିଲାପାଳ ଅନୁରୋଧ କରିବା ସହିତ ଦେଶର ସମସ୍ତ ଭୋଟର ଜଣେ ଜଣେ ସିପାହୀ ବୋଲି କହିଥିଲେ। ଏହି ଅବସରରେ ୭୫ ଜଣ ନୂଆ ଭୋଟର ନାମ ପଞ୍ଜୀକରଣ କରଥିଲେ। ୫ ଜଣ ତ୍ରୁଟି ସଂଶୋଧନ କରିଥିଲେ। ସହକାରୀ ଜିଲାପାଳ ସୁଜିତ କୁମାର ଭୋଇ, ତନ୍ମୟ ରଞ୍ଜନ ପାତ୍ର, ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତିଙ୍କ ସମେତ ସୁପରଭାଇଜର ଓ ବୁଥ ଅଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଅଭାସ କୁମାର ଖେତୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଡିଓ ସୌଭାଗ୍ୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ

**ବଇଣ୍ଡା,୨୮।୧୦(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଓ କିଶୋରନଗରଠାରେ ଓଏସ୍ଆର୍‌ଟିସି ପକ୍ଷରୁ ୨ଟି ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। କିଶୋରନଗର ତହସିଲ ପ୍ରଶାସନ ପକ୍ଷରୁ କିଶୋରନଗର ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ୨.୫୪ ଏକର ଜମି ଓ ବଇଣ୍ଡା ପାଇଁ ୩.୯୫ ଏକର ଜମି ଯୋଗାଇ ଦିଆଯାଇଛି। ଉକ୍ତ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ତା ୨୩ ଅଗଷ୍ଟ ୨୦୨୩ରେ ମୁଖ୍ୟମନ୍ତ୍ରୀ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବାବେଳେ ବସ୍‌ଷ୍ଟାଣ୍ଡ କାମ ଆରମ୍ଭ ହୋଇନାହିଁ। ଉକ୍ତ ଜମିକୁ କେତେଜଣ ମାଫିଆ ଦଖଲ କରି ନିଜ ଅକ୍ତିଆରରେ ରଖିଥିବାବେଳେ ଶନିବାର କିଶୋରନଗର ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ବଇଣ୍ଡାଠାରେ ଜଣେ ବ୍ୟକ୍ତି ଦୀର୍ଘବର୍ଷ ଧରି ଉକ୍ତ ଜାଗାଗୁଡ଼ିକୁ ଦଖଲ କରିଥିବାବେଳେ କିଛିସ୍ଥାନରେ ଗୃହ ନିର୍ମାଣ କରିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ଜେସିବି ମେଶିନ ସହାୟତାରେ ତାହାକୁ ଭାଙ୍ଗି ଦିଆଯାଇଛି। ଏପରିକି କିଶୋରନଗରରେ ମଧ୍ୟ ଜବରଦଖଲ ହଟାଯାଇଛି। ଖୁବ୍‌ଶୀଘ୍ର ଏହି ନୂତନ ବସଷ୍ଟାଣ୍ଡ ନିର୍ମାଣ ହେବ ବୋଲି ଜଣାପଡିଛି। କିଶୋରନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ମୃତିରଞ୍ଜନ ନାୟକ, ବଇଣ୍ଡା ରାଜସ୍ୱ ଅଧିକାରୀ ରଞ୍ଜିତା ସାହୁ ପ୍ରମୁଖ ଜବରଦଖଲ ଉଚ୍ଛେଦ ବେଳେ ଉପସ୍ଥିତ ଥିଲେ।



ପ୍ରଶାସନ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଉଛି।

# ବାଲ୍ୟବିବାହ ରୋକିବ ସଚେତନତା ରଥ

**ବଇଣ୍ଡା,୨୮।୧୦(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ବିଶ୍ୱ ଯୁବକେନ୍ଦ୍ର ବଣିନାଳୀ ଓ କୈଳାଶ ସତ୍ୟାର୍ଥୀ ଚିଲଡ୍ରେନ୍ସ ଫାଉଣ୍ଡେଶନ ସହାୟତାରେ ପରିଚାଳିତ କାର୍ଯ୍ୟକ୍ରମ 'ଆକ୍ସେସ ଟୁ ଜଷ୍ଟିସ' ପକ୍ଷରୁ ବାଲ୍ୟବିବାହ ଦୂରୀକରଣ ନିମନ୍ତେ ଏକ ସଚେତନତା ରଥ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କିଶୋରନଗର ବ୍ଲକର ଲୁହାମୁଣ୍ଡା, କଟରଙ୍ଗା, ହଣ୍ଡପା ପଞ୍ଚାୟତର ବିଭିନ୍ନ ଗ୍ରାମମାନଙ୍କରେ ବୁଲି ଲୋକମାନଙ୍କୁ ସଚେତନ କରାଯାଇଛି। ଏହି ଅବସରରେ ରଥଟି ବିଶ୍ୱ ଯୁବକେନ୍ଦ୍ର ବଣିନାଳୀଠାରୁ ବାହାରି ଲୁହାମୁଣ୍ଡା ପଞ୍ଚାୟତର ଲୁହାମୁଣ୍ଡା, କ୍ଷେତ୍ରପାଳ, ଗାଁ ବଇଣ୍ଡା ପଞ୍ଚାୟତର ସୋଲଣ୍ଡା, ହଣ୍ଡପା ପଞ୍ଚାୟତର ବଣିନାଳୀ, ଗୁଣ୍ଡୁରୀମୁଣ୍ଡା, ଚାଖୁଣ୍ଡାମୁଣ୍ଡା, ଯୋଗୀପଥର, ଅର୍ଜୁନଧରା, ପାପସରା, ହଣ୍ଡପା, ପ୍ରତାପପୁର ଏବଂ କଟରଙ୍ଗା ପଞ୍ଚାୟତର କଟରଙ୍ଗା, ବଇଶିଣା, କୃଷ୍ଣପୁର, ଚୁଳିଆପୁର, ପାଗବନ୍ଧା ଆଦି ଗ୍ରାମ ବୁଲି ଡାକବାଜି ଯନ୍ତ୍ର ଓ ଲିଫଲେଟ ବାଣ୍ଟି ବାଲ୍ୟବିବାହ ନିରୋଧୀ ଆଇନ ବିଷୟରେ ଓ ଶିଶୁ ଚାଲାଣ ବିରୋଧରେ ଜନସାଧାରଣଙ୍କୁ ସଚେତନତା କରିଥିଲା। ଏହି ଅବସରରେ ଏହି ଗ୍ରାମ ଗୁଡ଼ିକରେ ଲୋକମାନେ ଉତ୍ସାହ ସହିତ ରଥକୁ ସ୍ୱାଗତ କରିଥିଲେ। ପ୍ରକଳ୍ପ ସହଯୋଗୀ ଜ୍ୟୋସ୍ନିତା ପ୍ରଧାନ, ଦୀପି ଦେହୁରୀ ସହଯୋଗ କରିଥିଲେ।



